## Official Spokesperson's response to a media query on status of MV Jag Anand and MV Anastasia

January 01, 20211

## ଏମଭି ଜଗ୍ ଆନନ୍ଦ ଓ ଏମଭି ଅନାସ୍ତାସିଆର ସ୍ଥିତି ସମ୍ପର୍କରେ ଗଣମାଧ୍ୟମ ପ୍ରଶ୍ନକୁ ନେଇ ସରକାରୀ ମୁଖପାତ୍ରଙ୍କ ପ୍ରତିକ୍ରିୟା

ଜାନୁଆରୀ 01, 2021

**ଏମଭି ଜଗ୍ ଆନନ୍ଦ ଓ ଏମଭି ଅନାସ୍ତାସିଆର ସ୍ଥିତି ସମ୍ପର୍କରେ ଗଣମାଧ୍ୟମ ପ୍ରଶ୍ନର ଉତ୍ତରରେ ସରକାରୀ ମୁଖପାତ୍ର ଶ୍ରୀ ଅନୁରାଗ ଶ୍ରୀବାସ୍ତବ କହିଛନ୍ତିଯେ:**

"ଗ୍ରେଟ୍ ଇଷ୍ଟର୍ନ ସିପିଂ କମ୍ପାନୀର ଭାରତୀୟ ମାଲବାହୀ ଜାହାଜ ଏମଭି ଜଗ୍ ଆନନ୍ଦ 23 ଜଣ ବିଶିଷ୍ଟ ଭାରତୀୟ ଚାଳକ ଦଳଙ୍କ ସହିତ ଚୀନର ହେବେଇ ପ୍ରଦେଶର ଜିଙ୍ଗଟାଙ୍ଗ ବନ୍ଦର ନିକଟରେ 13 ଜୁନ 2020 ଠାରୁ ଲଙ୍ଗର ପକାଇ ଅଟକି ରହିଛି। ଅନ୍ୟ ଏକ ଜାହାଜ ଏମଭି ଅନାସ୍ତାସିଆ 16 ଜଣ ବିଶିଷ୍ଟ ଭାରତୀୟ ଚାଳକ ଦଳଙ୍କ ସହିତ 20 ସେପ୍ଟେମ୍ବର 2020 ଠାରୁ ଚୀନର କାଫେଡିୟାନ୍ ବନ୍ଦର ନିକଟରେ ଲଙ୍ଗର ପକାଇ ଅଟକି ରହିଛି। ଏହି ଦୁଇଟି ଜାହାଜ ସେମାନଙ୍କ ମାଲ ଖଲାସ ପାଇଁ ଅପେକ୍ଷାରତ ଅଛନ୍ତି। ଦୀର୍ଘ ବିଳମ୍ବ ହେତୁ ଚାଳକ ଦଳଙ୍କ ଉପରେ ଚାପ ବଢୁଛି। ଏହାକୁ ତଥା ଆମର ଚାଳକ ଦଳର ସଦସ୍ୟମାନଙ୍କ ପାଇଁ ଦିନକୁ ଦିନ ଉପୁଜିଥିବା କଠିନ ପରିସ୍ଥିତି ପାଇଁ ଆମର ଚିନ୍ତାକୁ ଦୃଷ୍ଟିରେ ରଖି ଏହି ଦୁଇଟି ମାମଲା ଜୋରସୋରରେ ଚାଲିଛି।

ଆମେ ବୁଝିପାରୁଛୁଯେ ଅନ୍ୟ ଦେଶରୁ ଆହୁରି ଅନେକ ଜାହାଜ ମଧ୍ୟ ସେମାନଙ୍କ ମାଲ ଖଲାସ କରିବା ପାଇଁ ଅପେକ୍ଷାରତ ଅଛନ୍ତି। ବେଜିଙ୍ଗରେ ଥିବା ଆମର ଦୂତାବାସ ଚୀନ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏବଂ ସ୍ଥାନୀୟ ପ୍ରାଦେଶିକ କର୍ତ୍ତୃପକ୍ଷଙ୍କ ନିକଟରେ ବାରମ୍ବାର ଏହି ମାମଲାକୁ ଉଠାଇଛି ଏବଂ ଜାହାଜଗୁଡ଼ିକୁ ବନ୍ଦରରେ ପ୍ରବେଶ କରିବାକୁ ଦେବା ଏବଂ/କିମ୍ବା ଚାଳକ ଦଳର ସଦସ୍ୟଙ୍କୁ ପରିବର୍ତ୍ତନ କରିବାକୁ ଅନୁମତି ଦେବାକୁ ଅନୁରୋଧ କରିଛି। ସେମାନେ ଗତ କିଛି ମାସ ଧରି ଏହି ମାମଲାର ସମାଧାନ ପାଇଁ କାର୍ଯ୍ୟ କରୁଛନ୍ତି। ଚୀନର ଉପ ବୈଦେଶିକ ମନ୍ତ୍ରୀଙ୍କ ସହ ଭାରତୀୟ ରାଷ୍ଟ୍ରଦୂତ ବ୍ୟକ୍ତିଗତ ଭାବେ ଏହି ପ୍ରସଙ୍ଗ ଉଠାଇଛନ୍ତି। ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ମଧ୍ୟ ଚୀନ ଦୂତାବାସ ସହିତ ଏହି ପ୍ରସଙ୍ଗକୁ ନେଇ ଆଲୋଚନା କରୁଛି।

ଚୀନ କର୍ତ୍ତୃପକ୍ଷ ଏହା ଜଣାଇଛନ୍ତି ଯେ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ଲଗାଯାଇଥିବା ବିଭିନ୍ନ କୋଭିଡ-19 ସମ୍ବନ୍ଧୀୟ କଟକଣା ଯୋଗୁ ଏହି ବନ୍ଦରଗୁଡିକରୁ ଚାଳକ ଦଳର ସଦସ୍ୟଙ୍କୁ ପରିବର୍ତ୍ତନ କରିବାକୁ ଅନୁମତି ଦିଆଯାଉନାହିଁ। ନଭେମ୍ବର 2020 ଶେଷରେ ଚୀନ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ମଧ୍ୟ ଜଣାଇଦେଇଛିଯେ ଜିଙ୍ଗଟାଙ୍ଗ ବନ୍ଦରରୁ ଚାଳକ ଦଳର ସଦସ୍ୟ ପରିବର୍ତ୍ତନ ସମ୍ଭବ ନୁହେଁ, ତେଣୁ ସିପିଂ କମ୍ପାନୀ/ଏଜେଣ୍ଟ ଚୀନର ତିଆନଜିନ୍ ବନ୍ଦରଠାରେ ଚାଳକ ଦଳର ସଦସ୍ୟ ଅଦଳବଦଳ ପାଇଁ ଆବେଦନ କରିପାରିବେ ଏବଂ ସ୍ଥାନୀୟ କର୍ତ୍ତୃପକ୍ଷ ଏହାକୁ ଯାଞ୍ଚ କରିବେ। ସିପିଂ କମ୍ପାନୀଗୁଡ଼ିକୁ ଯଥାଶୀଘ୍ର ଚାଳକ ଦଳର ସଦସ୍ୟ ପରିବର୍ତ୍ତନ ନିମନ୍ତେ ଆବେଦନ କରିବାକୁ କୁହାଯାଇଛି।

ସିପିଂ କମ୍ପାନୀଗୁଡିକ ବର୍ତ୍ତମାନ ଲଙ୍ଗର ପକାଇଥିବା ସ୍ଥାନରୁ ଅନ୍ୟ ସ୍ଥାନକୁ ଜାହାଜ ସ୍ଥାନାନ୍ତର କରିବା ପାଇଁ ଲଜିଷ୍ଟିକର ଯାଞ୍ଚ କରୁଥିବାବେଳେ ଆମର ଦୂତାବାସ ଚାଳକ ଦଳର ସଦସ୍ୟ ପରିବର୍ତ୍ତନକୁ ସୁବିଧାଜନକ କରିବା ପାଇଁ ମଞ୍ଜୁରୀ ପ୍ରାପ୍ତ ନିମନ୍ତେ ତିଆନଜିନର ସମ୍ପୃକ୍ତ ଅଧିକାରୀଙ୍କ ସହ ଯୋଗାଯୋଗ କରୁଛନ୍ତି। ସିପିଂ କମ୍ପାନୀଗୁଡିକୁ ମଧ୍ୟ ଆମେ ଅନୁରୋଧ କରିଛୁଯେ ସେମାନେ ଚାଳକ ଦଳର ସଦସ୍ୟ ପରିବର୍ତ୍ତନ ପାଇଁ ସେମାନଙ୍କ ଯୋଜନାର ଅନୁମୋଦନ ପାଇଁ ଯଥାଶୀଘ୍ର ଏହାକୁ ସ୍ଥାନୀୟ ଚୀନ କର୍ତ୍ତୃପକ୍ଷଙ୍କ ନିକଟରେ ଜମା କରିବେ।

ଆମେ ଏହା ମଧ୍ୟ ବୁଝିପାରୁଛୁଯେ ଏମଭି ଅନାସ୍ତାସିଆ କାଫେଡିୟାନ ବନ୍ଦର ନିକଟ ସମୁଦ୍ରରେ ଚାଳକ ଦଳର ସଦସ୍ୟ ପରିବର୍ତ୍ତନ କରିବାର ସମ୍ଭାବନା ଉପରେ ଅନୁସନ୍ଧାନ କରୁଛି। ଆମର ଦୂତାବାସ ଗତକାଲି ଚୀନ କର୍ତ୍ତୃପକ୍ଷଙ୍କୁ ଏହି ବିକଳ୍ପକୁ ନେଇ ପ୍ରସ୍ତାବ ଦେଇଛନ୍ତି ଏବଂ ଏଥିପାଇଁ ଅନୁମୋଦନ ଲୋଡିଛନ୍ତି।

ବେଜିଙ୍ଗରେ ଆମର ଦୂତାବାସ ବେଜିଙ୍ଗ, ହେବେଇ ଏବଂ ତିଆନଜିନରେ ଚୀନ କର୍ତ୍ତୃପକ୍ଷଙ୍କ ସହ ଘନିଷ୍ଠ ଓ ନିରନ୍ତର ସମ୍ପର୍କରେ ରହିଛି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ମଧ୍ୟ ଏହି ସମସ୍ୟାର ଶୀଘ୍ର ସମାଧାନ ପାଇଁ ନୂଆଦିଲ୍ଲୀରେ ଥିବା ଚୀନ ଦୂତାବାସ ମାଧ୍ୟମରେ ବିକଳ୍ପ ଅନୁସନ୍ଧାନ କରୁଛି।

ଏହି ପ୍ରସଙ୍ଗରେ ଚୀନ ପକ୍ଷ ସହାୟତା କରିବାକୁ ଇଚ୍ଛା ପ୍ରକାଶ କରିଥିବା ବିବୃତ୍ତି ବିଷୟରେ ଆମେ ଅବଗତ ଅଛୁ। ଆମେ ଆଶା କରୁଛୁଯେ ଜାହାଜରେ ଉପୁଜିଥିବା ମାନବିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ଏହି ସହାୟତା ଏକ ଜରୁରୀ, ବ୍ୟବହାରିକ ଏବଂ ଧାର୍ଯ୍ୟ ସମୟ ମଧ୍ୟରେ ପ୍ରଦାନ କରାଯିବ।

ପରବର୍ତ୍ତୀ ସ୍ଥିତି ଉପରେ ଆମେ ଆପଣଙ୍କୁ ଅବଗତ କରିବୁ।"

**ନୂଆଦିଲ୍ଲୀ**

**ଜାନୁଆରୀ 01, 2021**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.